

ଗ୍ରାସିମ କମ୍ପାନୀରେ ବିବାଦକୁ ନେଇ ତ୍ରିପାକ୍ଷିକ ବୈଠକ

ଛତ୍ରପୁର, ୨୨/୬ : ଗଂଜାମ ସ୍ଥିତ ଗ୍ରାସିମ କମ୍ପାନୀରେ ଲାଗିରହିଥିବା ବିବାଦର ସମାଧାନ ନେଇ ଜିଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ପ୍ରେମଚନ୍ଦ୍ର ଚୌଧରୀ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଜିଲାପ୍ରଶାସନ, ଗ୍ରାସିମ କମ୍ପାନୀ ଓ କାଇଚଁପୁର ପଚାଂୟତର କଲ୍ୟାଣପୁର ଗ୍ରାମର ବଡସାହି,ମଝି ସାହି ଏବଂ ଗୁଡୁମା ସାହି ଓ ଜରାପଦର ଗ୍ରାମର ମୁଖ୍ୟାମାନେ ଉପସ୍ଥିତ ଥିଲେ। ଏହି ଦୁଇଗ୍ରାମବସୀଙ୍କ ପକ୍ଷରୁ ବର୍ତମାନ ଗ୍ରାମରେ ଗ୍ରାଉଣ୍ଡ ୱାଟର ଲେଭଲ କମିଗଲାଣି । ଯାହାଫଳରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ ହେବା ସହ କ୍ଷତି ସହୁଛନ୍ତି। ନଳକୂପ ଅଚଳ ହୋଇଯାଇଛି । ଜଳସେଚନ ଅଭାବ ଥିବା ,ଗ୍ରାଉଣ୍ଡ ୱାର୍ଟର ରିଚାର୍ଜ ସହ କମ୍ପାନୀରେ ନିଯୁକ୍ତି, ଜଳସେଚନ ସୁବିଧା ଏବଂ ସୋସାଇଟି ଠିକ୍ ଭାବେ କାର୍ଯ୍ୟ କରିବା । ଜଳସ୍ତର କମିବାରୁ କାଜୁ ଗଛ ନଷ୍ଟ ହୋଇଯାଇଛି ବୋଲି ଗ୍ରାମବାସୀ ମାନେ ଜିଲାପାଳଙ୍କୁ ଦୃଷ୍ଟିଆକର୍ଷଣ କରାଯାଇଥିଲା । କମ୍ପାନୀ ପକ୍ଷରୁ କୌଣସି ପୋଷ୍ଟ ଖାଲି ହେଲେ ନୂଆ ନିଯୁକ୍ତି ଦିଆଯାଉଥିବା ସହ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଲୋକମାନଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ଗ୍ରାସୀମର ଅଧିକାରୀ ଶଶାଙ୍କଶେଖର ପାରିକ କହିଥିଲେ । ଏହି ସବୁ ବିଷୟ ଜିଲାପାଳ ଶୁଣିବା ପରେ ଗ୍ରାମକୁ ଏକ ବୈଷୟିକ ଟିମ୍ ଯାଇ ସର୍ଭେ କରିବେ ଏବଂ ଏଥିରେ କୃଷି, ଜଳସେଚନ, ଉଦ୍ୟାନ, ମୃର୍ତିକା ସଂରକ୍ଷଣ ଓ ଉଠା ଜଳସେଚନ ବିଭାଗର ଅଧିକାରୀ ରହିବେ । ଏମାନଙ୍କ ସର୍ଭେ ରିପୋର୍ଟକୁ ଆଧାର କରି ଉଚିତ୍ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହି ବୈଠକରେ ଉପଜିଲପାଳ ଦେବବ୍ରତ ସାହୁ , ଗଂଜାମ ତହସିଲଦାର ଅବନୀ କୁମାର ସାହୁ, ପୁଲିସ ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଗଂଜାମ ଥାନା ଅଧିକାରୀ ଅନୀଲ ମହାନ୍ତି , ଗ୍ରାମ୍ୟ କମିଟି ସଭାପତି ଟି.ଗୋପାଲ ରେଡ୍ଡି, ସଂପାଦକ ରଘୁନାଥ ମୁଦୁଲି, ଡି.କେନକେୟା ରେଡ୍ଡି, କେ.ଘନଶ୍ୟାମ ରେଡ୍ଡି, ଏ.ରାଜା ରାଓ ରେଡ୍ଡି,ମହେଶ୍ୱର ମାଳୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଗ୍ରାସିମ କମ୍ପାନୀ ଏଚ.ଆର ହେଡ କେ.ଜି. କେଜିରିଓ୍ୱାଲ, ସୁକ୍ୟୁରିଟ ହେଡ ଏସ.କେ.ଦାଶ, ପିଆରଓ ପି.କେ.ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଏହି ଦୁଇ ଖଣ୍ଡ ଗ୍ରାମବାସୀ କିଛିଦିନ ପୂର୍ବେ ଗ୍ରାମରେ ଥିବା ପାଣି ପମ୍ପ ହାଉସରେ ତାଲା ପକାଇବା ସହ ଧାରଣାରେ ବସିଥିବା ଜଣାପଡିଛି। ଯାହାଫଳରେ କମ୍ପାନୀର ଉତ୍ପାଦନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା।

୬ କୋଟି ଟଙ୍କା ଚଲୁ ହେବା ଆଶଙ୍କାରେ ସହରବାସୀ

ମହାନାଳ ପୁନରୁଦ୍ଧାରକୁ ନେଇ ପ୍ରଶ୍ନବାଚୀ

ବାଲେଶ୍ୱର, ୨୨।୬(ନିପ୍ର): ପୌରପାଳିକା ପକ୍ଷରୁ ବାଲେଶ୍ୱର ସହରର ନିଷ୍କାସନ ବ୍ୟବସ୍ଥାର ଉନ୍ନତି ପାଇଁ ୫ କୋଟି ୭୬ ଲକ୍ଷ ୩୪ ହଜାର ୭୫୭ ଟଙ୍କା ଅନୁଦାନ ବ୍ୟୟରେ ଚାଲିଥିବା ସହରର ୫ ଗୋଟି ମୁଖ୍ୟ ନାଳ ପୁନରୁଦ୍ଧାର କାର୍ଯ୍ୟକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜୁନ ମାସ ପ୍ରଥମ ସପ୍ତାହରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକୁ କୌଣସି ମତେ ଶେଷ କରିବା ପାଇଁ ପୌରପାଳିକା ପକ୍ଷରୁ ଉଦ୍ୟମ ହେଉଥିବା ଲକ୍ଷ୍ୟ କରାଯାଇଛି । ପୂର୍ବରୁ ବିଭିନ୍ନ ସମୟରେ ପୁନରୁଦ୍ଧାର ଆଳରେ ବହୁ ଅର୍ଥ ବ୍ୟୟ ହୋଇଥିବା ବେଳେ ପାଖାପାଖି ୬ କୋଟି ଟଙ୍କା ଅନୁଦାନର ଉପଯୁକ୍ତ ବିନିଯୋଗ ସମସ୍ତଙ୍କୁ ସନ୍ଦେହଘେରକୁ ଟାଣି ନେଇଛି। ବିଭିନ୍ନ ସ୍ଥାନରେ ଅବରୋଧ ହୋଇଥିବା ମହାନାଳ ପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ନେଇ ପୌରପାଳିକା ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଗଲା ନାହିଁ। ମାତ୍ର ପୌର ପରିଷଦର ଅବଧି ଶେଷ ପୂର୍ବରୁ ଯେନତେନ ପ୍ରକାରେ ଏହି ବୃହତ ପ୍ରକଳ୍ପକୁ ଶେଷ କରିବା ପାଇଁ ଏହା ଏକ ହୀନଉଦ୍ୟମ ବୋଲି ବିଭିନ୍ନ ମହଲରୁ ଆରୋପ ଉଠିଛି। କାର୍ଯ୍ୟର ଗୁଣାତ୍ମକ ମାନକୁ ନେଇ ବୁଦ୍ଧିଜୀବୀମାନେ ଅଙ୍ଗୁଳି ନିର୍ଦ୍ଦେଶ କଲେଣି। ମୌସୁମୀ ପହଞ୍ଚିବା ଖବର ଶୁଣିବା ପରେ ପୌରପରିଷଦ ପକ୍ଷରୁ ବେଶ୍ ତତ୍ପରତା ପ୍ରକାଶ ପାଇଛି। ଲଗାଣ ବର୍ଷା ପୂର୍ବରୁ କୌଣସିମତେ କାର୍ଯ୍ୟ ଶେଷ କରିବା ପାଇଁ ଚାଲିଛି ରୀତିମତ ଉଦ୍ୟମ। କାର୍ଯ୍ୟର ଗୁଣାତ୍ମକ ମାନ ରହୁ କି ନ ରହୁ ପୋକଲିନ୍ ମେସିନ୍ ଆଗକୁ ଆଗକୁ ମାଡ଼ିଚାଲୁ ଏହା ହିଁ ଉଦ୍ଦେଶ୍ୟ। ଏମିତିକି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନ୍ୟାନ୍ୟ କାମ ଛାଡ଼ି ପୌରପାଳ ଆଲୋକ କୁମାର ସାହୁ ନୟମିତ କାର୍ଯ୍ୟସ୍ଥଳରେ ପହଞ୍ଚି ଯାଉଥିବା ଲକ୍ଷ୍ୟ କରାଯାଉଛି। ଏହାକୁ ନେଇ ସହରର ବହୁ ବୁଦ୍ଧିଜୀବୀ ଏବେ ମୁହଁ ଖୋଲିଛନ୍ତି। ୬ କୋଟି ଟଙ୍କା ଯେପରି ଚଲୁ ନ ହୁଏ ସେଥିପ୍ରତି ଗଣ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

କେନ୍ଦ୍ରାପଡା ଜେଲରକୁ ଗ୍ୟାଙ୍ଗଷ୍ଟରର ପୁଅ ଧମକ ଦେବା ଅଭିଯୋଗ

କେନ୍ଦ୍ରାପଡା ୨୧।୬ - କେନ୍ଦ୍ରାପଡା ଉପକାରାଗାର ମଧ୍ୟରେ ଜେଲରଙ୍କୁ ଧମକ ଦେବା ଅଭିଯୋଗରେ ଗ୍ୟାଙ୍ଗଷ୍ଟାର ହାଇଦରର ସାନପୁଅ ସେକ ଅଜୋ (୨୩) ନାମରେ ଅଭିଯୋଗ ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ ଚଳିତ ମାସ ୬ ତାରିଖ ଦିନ ବିଭିନ୍ନ ମାମଲାରେ କେନ୍ଦ୍ରାପଡା ସବଜେଲରେ ଥିବା ସେକ ଅଜୋର ଜେଲ ମଧ୍ୟରେ ବେଆଇନ କାର୍ଯ୍ୟକଳାପକୁ ବିରୋଧ କରିବାକୁ ନେଇ ଜେଲର ସରୋଜ ବିଶ୍ୱାଳଙ୍କୁ ଧମକ ଚମକ ଦେଇଥିଲେ । ଏହି ଘଟଣାକୁ ନେଇ ଜେଲର ଶ୍ରୀ ବିଶ୍ୱାଳ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଥାନା ପୋଲିସ ସେକ ଅଜୋ ନାମରେ ଏକ ମାମଲା ରୁଜୁକରି ଅନୁସନ୍ଧାନ କରୁଥିବା ଥାନା ଅଧିକାରୀ କାବୁଲି ବାରିକଙ୍କ ଠାରୁ ସୂଚନା ମିଳିଛି ।

ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ: ଜଣେ ଗିରଫ

ବାଲେଶ୍ୱର, ୨୧।୬(ନିପ୍ର): ଅବକାରୀ ବିଭାଗ ପକ୍ଷରୁ ବସ୍ତା ଅଞ୍ଚଳରେ ଚଡ଼ଉ ହୋଇ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ୍ ସହ ଜଣକୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ବସ୍ତା ଥାନା ଅନ୍ତର୍ଗତ ସମରାଇପୁର ଅଞ୍ଚଳର ବିକର୍ତ୍ତନ ସିଂହଙ୍କ ପୁତ୍ର ଲକ୍ଷ୍ମଣ କୁମାର ସିଂହ (୩୫)। ଦୀର୍ଘଦିନ ଧରି ଲକ୍ଷ୍ମଣ ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ଅବକାରୀ ବିଭାଗ ନିକଟରେ ପୂର୍ବରୁ ଖବର ଥିଲା। ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ତଥା ଇନ୍‌ସ୍ପେକ୍ଟର କରୁଣା ଶଙ୍କର ତିୱାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସକାଳେ ମୋଇଲ ସ୍କ୍ୱାର୍ଡ଼ ଲକ୍ଷ୍ମଣ ସିଂହଙ୍କ ଘରେ ଚଡ଼ଉ କରିଥିଲା। ତାଙ୍କ ଘରୁ ଜବତ ହୋଇଥିବା ୨୧ କିଲୋ ୪ଶହ ଗ୍ରାମ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ପଶ୍ଚିମ ଓଡ଼ିଶାରୁ ଏହି ଗଞ୍ଜେଇ ଆଣି ଲକ୍ଷ୍ମଣ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରିଥାନ୍ତି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ଏନେଇ ଏକ ମାମଲା ରୁଜୁ ସହ ଅଭିଯୁକ୍ତ ଲକ୍ଷ୍ମଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସବ-ଇନ୍‌ସ୍ପେକ୍ଟର କେଶବ ଚନ୍ଦ୍ର ଦାସ, ଏଏସଆଇ ଚନ୍ଦ୍ରମୋହନ ସେଠୀ, ଭାସ୍କର ଚନ୍ଦ୍ର ବେହେରା, ଶେଖ୍ କଲିମ୍, ମଙ୍ଗଳ ସିଂ ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ।

ମହାତ୍ମା ଗାନ୍ଧୀଙ୍କ ଜନ୍ମଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୨୧।୬(ନିପ୍ର) : ଜାତିର ଜନକ ମହାତ୍ମା ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ଜୟନ୍ତୀକୁ ସାରା ରାଜ୍ୟରେ ବର୍ଷବ୍ୟାପୀ ବ୍ୟାପକ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯିବା ସକାଶେ ଆଜି ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ନିର୍ବାଚନ ଆୟୋଗର ପରାମର୍ଶଦାତା ଡଃ ଭଗବାନ ପ୍ରକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ଏହି ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରନ ପଟ୍ଟନାୟକ ଗାନ୍ଧୀଙ୍କ ପ୍ରତୀକକୁ ବ୍ୟବହାର କରି ଶସ୍ତା ରାଜନୀତି କରୁଥିବା ସାମ୍ପ୍ରଦାୟିକ ଶକ୍ତିମାନେ ଦେଶରେ ବିଦ୍ୱେଷ ଓ ବିଭାଜନର ବିଷାକ୍ତ ପରିବେଶ ସୃଷ୍ଟି କରୁଥିବାରୁ ଏହା ବିରୁଦ୍ଧରେ ଗାନ୍ଧୀଙ୍କ ବାର୍ତ୍ତାର ପ୍ରଚୁର ପ୍ରସାର ଆଜି ଜରୁରୀ ହୋଇପଡ଼ିଛି ବୋଲି କହିବା ସହ ଏପରି ଅଭିଯାନ ଉଦ୍ୟମକୁ ପ୍ରଶଂସା କରିଥିଲେ। ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ର ଅଧକ୍ଷା ଲତିକା ପ୍ରଧାନ ଏଥିରେ ମହିଳାମାନଙ୍କୁ ବ୍ୟାପକ ରୂପେ ସାମିଲ୍ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ପ୍ରସ୍ତୁତି ବୈଠକର ଆବାହକ ମନୋଜ ଜେନା ବର୍ଷବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ଯେଉଁଥିରେ ଗାନ୍ଧୀ ଜ୍ୟୋତି ଯାତ୍ରା, ଗାନ୍ଧୀ ଯୁବ ଶିବିର, କସ୍ତୁରବା ମହିଳା ସମ୍ମିଳନୀ, ଗାନ୍ଧୀ ସାହିତ୍ୟ ଉତ୍ସବ, ଗାନ୍ଧୀ କଥା, ଗାନ୍ଧୀ ଶିଶୁ ମହୋତ୍ସବ, କସ୍ତୁରବା ଆଦର୍ଶ ଗ୍ରାମ ତଥା ଖଦୀ ଓ କୁଟୀର ଶିଳ୍ପର ବିକାଶ ଇତ୍ୟାଦି କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏଥିରେ ଅବସର ବେଉରିଆ, ପ୍ରଫୁଲ୍ଲ ସାହୁ, କୈଳାସ ଆଚାର୍ଯ୍ୟ, ଡଃ ରୀନା ରାଉତରାୟ, ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସୁରେଶ ଚନ୍ଦ୍ର ମନ୍ତ୍ରୀ, ସୁଦର୍ଶନ ଦାସ, ଅମିୟ ପାଣ୍ଡବ, ବାସୁଦେବ ଭଂଜ, ସଂଯୁକ୍ତା ମହଲା, ତୁଷାରକାନ୍ତ, ପ୍ରଶାନ୍ତ ପାଇକରାୟ, ପଦ୍ମାକର ଗୁରୁ, ସୁମିତ୍ରା ଜେନା, ସମିତା ମହାରଣା, ପ୍ରସନ୍ନ ବିଶୋଇ, ସୋନାଲି ସାହୁ, ସୁରେଶ ସାମନ୍ତରାୟ, ସତ୍ୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ନିରୋଦ ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଧୁସୂଦନ ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ।

ଯୋଗ ସମିତି ପକ୍ଷରୁ ଯୋଗ ଦିବସ ପାଳିତ

ରାଜନଗର, ୨୧।୬(ନିପ୍ର): ରାଜନଗର ବ୍ଲକ ଯୋଗ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ବ୍ଲକ ପରିସରରେ ଆୟୋଜିତ ଯୋଗ ଶିବିରକୁ ଯୋଗ ଶିକ୍ଷକ ଅଭିଷେକ ଲେଙ୍କାଙ୍କ ସହ ମନୋରନ ମିଶ୍ର, ସୌଭାଗ୍ୟ ମହାନ୍ତି, ପଙ୍କଜ ବେହୁରା ପରିଚାଳନା କରିଥିଲେ। ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବିଦ୍ୟାର୍ଥି ପରିଷଦର ବ୍ଲକ ସଂଯୋଜକ ଅଭୟ କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଯୋଗ ଶିକ୍ଷକ ଭାବେ ଲିଙ୍କନ ସେଠୀ ବିଭିନ୍ନ ଆସନ କରାଇଥିଲେ । ମହିଷାସୁର ଠାରେ ରବିନ୍ଦ୍ର କୁମାର ସେଠୀଙ୍କ ନେତୃତ୍ୱରେ ଯୋଗଶିବିର ହୋଇଥିବା ବେଳେ ବେଲପାଳ ଠାରେ ବୈାଲୋଚନ ଦାସ ଏବଂବାଘୁଆ ମା ମଙ୍ଗଳା କୋଚିଂ ସେଂଟରରେ ଯସ୍ମୀନ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଯୋଗ ଶିକ୍ଷକ ଭାବେ ଅଭୟ ରାଉତ ଯୋଗ ଦେଇଥିଲେ । ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସଂଯୋଗ ଦେଉନଥିବା ଅଭିଯୋଗ

ଟ୍ରେନରୁ ଖସି ଜଣେ ମୃତ



ଛତ୍ରପୁର, ୨୨/୬ : ଛତ୍ରପୁର ବଡ ଷ୍ଟେସନ ୧ ନଂ ପ୍ଲାଟଫର୍ମ ରେଳଧାରଣା ନିକଟରେ ଏକ ଯୁବକ ଟ୍ରେନରୁ ଖସି ପଡି ମୃତ ହୋଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ସଂଧ୍ୟା ୭ଟା ସମୟରେ ଚେନାଇ ହାବଡା ଏକ୍ସପ୍ରେସ୍ ଟ୍ରେନ ଟି ଛତ୍ରପୁର ଅତିକ୍ରମ କରିବାପରେ ସେହି ଟ୍ରେନରେ ବସିଥିବା ଏକ ଯାତ୍ରୀ କୌଣସି କାରଣ ବଶତଃ ଖସିପଡିଯାଇଥିଲା। ଫଳରେ ସେଠାରୁ ତାଙ୍କୁ ଅଗ୍ନିଶ୍ରମ ବିଭାଗ ଓ ଆରପିଏଫ ପୁଲିସ ଛତ୍ରପୁର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି। ମୃତକଙ୍କ ପରିଚୟ ଗିୟାଚ ଉଦିନ(୩୫) ବୋଲି ଜଣାପଡିଛି । ସେ ଆସାମ ରାଜ୍ୟର ମାରିଗାଁଓ ଜିଲାର ବାର ହାଉଲ କାଣ୍ଡା ବୋଲି ତାଙ୍କ ଭୋଟ ପରିଚୟ ପତ୍ରରୁ ଜଣାପଡିଛି। ବର୍ତ୍ତମାନ ଶବଟି ଛତ୍ରପୁର ମେଡିକାଲରେ ରହିଛି।

ତୈଳନିଗମ ପକ୍ଷରୁ ତ୍ରିଦିବସୀୟ ମାଗଣା ଭ୍ରାମ୍ୟମାଣ ଚଳଚ୍ଚିତ୍ର କେନ୍ଦ୍ର ଉଦଘାଟିତ

କେନ୍ଦ୍ରାପଡା ୨୨/୬,(ନିପ୍ର) - ଭାରତୀୟ ତୈଳନିଗମ ପକ୍ଷରୁ ଦିଲ୍ଲୀର ପିକଚର ଟାଇମ ସଂସ୍ଥା ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ମହିପାଳ ଟେଲିକମ ପଡିଆରେ ଏକ ମାଗଣା ଭ୍ରାମ୍ୟମାଣ ଚଳଚିତ୍ର ପ୍ରଦର୍ଶନ କେନ୍ଦ୍ରର ଉଦଘାଟିତ ହୋଇଯାଇଛି । ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚାର ସଭାପତି ଦିଲ୍ଲିପ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତିନିଦିନ ଧରି ଚାଲିବାକୁ ଥିବା ଏହି ମାଗଣା ଭ୍ରାମ୍ୟମାଣ ଚଳଚିତ୍ର ପ୍ରଦର୍ଶନ କେନ୍ଦ୍ରକୁ ଉଦଘାଟନ କରିଥିଲେ। ଓଡିଶାର ପ୍ରତ୍ୟେକ ଜିଲ୍ଲା ବୁଲି ଏଭଳି ମାଗଣା ଚଳଚିତ୍ର ଲୋକମାନଙ୍କୁ ଦେଖାଉଥିବା ଏହି ସଂସ୍ଥା ପ୍ରତ୍ୟେହ ୪ଟି ସୋ ମାଧ୍ୟମରେ ଶୀତତାପ ନିୟନ୍ତ୍ରିତ କକ୍ଷରେ ଚଳଚିତ୍ର ପ୍ରଦର୍ଶନ କରୁଥିବା ଦେଖାଯାଇଛି । ଆଜି ପ୍ରଥମ ଦିବସରେ ଶତାଧିକ ଲୋକ 'ବାହୁବଳୀ- ୨' ଚଳଚିତ୍ର ଦେଖିବାର ମଜା ନେଇଛନ୍ତି । ଚଳଚିତ୍ର ପ୍ରଦର୍ଶନ ପୂର୍ବରୁ ପ୍ରଥମ ୨୦ମିନିଟ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ସଚେତନତା ବିଜ୍ଞାପନ ପ୍ରଦର୍ଶନ କରାଯାଇଥିଲା ।

ମହାନଦୀ ଉପରେ ଛତିଶଗଡ ସରକାରର ଦାଦାଗିରି ପ୍ରତିବାଦରେ ସି.ପି.ଆଇ.ର ବିକ୍ଷୋଭ

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସି.ପି.ଆଇ)ର
ଗଣ ବିକ୍ଷୋଭ
କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ

କେନ୍ଦ୍ରାପଡା ୨୧।୬ - ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି.ପି.ଆଇ.)କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ତୁରନ୍ତ ମହାନଦୀର ଉପର ମୁଣ୍ଡରେ ଛତିଶଗଡ ସରକାର ଯେଉଁ ବେଆଇନ ବନ୍ଧମାନ ନିର୍ମାଣ କରି ଆନ୍ତଃରାଜ୍ୟ ସମ୍ପର୍କକୁ ନଷ୍ଟ କରିବା ସହିତ ନିଜର ଦାଦାଗିରି ଦ୍ୱାରା ଏକତରଫା ଭାବେ ସମସ୍ତ ପାଣି ବ୍ୟବହାର କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି ତାହାର ପ୍ରତିବାଦରେ ଏବଂ ଆନ୍ତର୍ଜାତିକ ବଜାରରେ ପେଟ୍ରୋଲ - ଡିଜେଲ ଦର ବହୁତ କମ ଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ମନଇଛା ଟିକସ ବସାଇ ଦରକୁ ଅତ୍ୟଧିକ ବୃଦ୍ଧି କରିଛନ୍ତି,ତୁରନ୍ତ ଟିକସ କମାଇ ଜି.ଏସ.ଟି.ଅନ୍ତର୍ଭୁକ୍ତ କରିବା,ମହାନଦୀର ତଳମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରିବା,ଚାଷୀଭାଇମାନଙ୍କୁ ତୁରନ୍ତ କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗ ଧାନ ବିହନ ଯୋଗାଇଦେବା,ତୁରନ୍ତ ଲୋକଙ୍କୁ ଗ୍ୟାସ ଦେବା ନାମରେ ଯେଉଁଭଳି ଭାବରେ ଗ୍ୟାସ ସିଲିଣ୍ଡର ମୂଲ୍ୟ ଦୁଇଗୁଣ ବୃଦ୍ଧିକୁ କମାଇବା,ଆଛାଦିନର ସ୍ଲୋଗାନ ଦେଇଥିବା କେନ୍ଦ୍ର ସରକାର ବଡ ବଡ କମ୍ପାନୀଙ୍କଠାରୁ ଅନାଦେୟ ୭ଲକ୍ଷକୋଟି ଟଙ୍କାର ଋଣ ଆଦାୟକରି ଚାଷୀଙ୍କୁ ଋଣ ଛାଡ କରିବା,ଜଳସେଚନ ବିଭାଗ ଦ୍ୱାରା ତୁରନ୍ତ ଜୁନମାସ ଶେଷସୁଧା କେନାଲ ଗୁଡିକୁ ସଫା ଓ ମରାମତି କରିବା ଆଦି ଦାବିକୁ ନେଇ ଦେଶବ୍ୟାପୀ ସି.ପି.ଆଇ.ର ଆନ୍ଦୋଳନ ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାଥି ବିକାଶ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇ ଜିଲ୍ଲା ସମ୍ପାଦକ ସାଥି ରମଣୀରଞ୍ଜନ ରାଉତରାୟ ବୁଧବାର ଦେଶ ତମାମ ପେଟ୍ରୋଲ - ଡିଜେଲ ଦର ବୃଦ୍ଧିର ପ୍ରତିବାଦ ଓ ମହାନଦୀ ଜଳ ସଙ୍କଟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ସମ୍ପାଦକ ସାଥି ଆଦିକନ୍ଦ ରାଉଳ,କାହ୍ନୁଚରଣ ବେହେରା,ବିକାଶ ଚନ୍ଦ୍ର ବେଉରା,ନିର୍ମାଣ ଶ୍ରମିକ ସଙ୍ଘର ଜିଲ୍ଲା ସଭାପତି ନିରଞ୍ଜନ ଦାସ,ଶିକ୍ଷକ ସଙ୍ଘ ନେତା ବସନ୍ତ କୁମାର ବାରିକ,ଅଖିଳ ଭାରତ କୃଷକ ସଭାର ଜିଲ୍ଲା ନେତା ଦିବାକର ସାହୁ,ଭାବଗ୍ରାହୀ ପତି,ସୀତାକାନ୍ତ ନାୟକ,ଆଳି ବ୍ଲକ ସି.ପି.ଆଇ.ନେତା ଜିଲ୍ଲା ପରିଷଦ ସଭ୍ୟ ସୁହାନା ବେଗମ,ସଂଯୁକ୍ତା ରାଉତ,ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରସଙ୍ଘ ନେତା ଚିତ୍ତରଞ୍ଜନ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ । ସଭାଶେଷ ହେବା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ୫ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

'ଭଲ କବିତାର ଖୋଜ୍'ର ୫୯ତମ ଆସରରେ ସ୍ତମ୍ଭକାର ସମାବେଶ

ବାଲେଶ୍ୱର, ୨୨/୦୬ : ସ୍ତମ୍ଭ ଲେଖିବା ସହଜ, ହେଲେ ଭଲ ସ୍ତମ୍ଭକାର ହେବା ସେତେ ସହଜ ନୁହେଁ। ସ୍ତମ୍ଭ ଲେଖକ ପାଇଁ ପ୍ରଚୁର ଅଧ୍ୟୟନ ଓ ବିଶ୍ୱ ଇତିହାସ ସମ୍ପର୍କରେ ଗଭୀର ଜ୍ଞାନ ଏକାନ୍ତ ଜରୁରୀ। ସ୍ତମ୍ଭଲେଖାର ଯେହେତୁ ଏକ ଟାର୍ଗେଟେଡ୍ ବା ଧାର୍ଯ୍ୟ ପାଠକ ଗୋଷ୍ଠୀ ଥାଏ ଏବଂ ବୁଦ୍ଧିଜୀବୀ ଓ ସଚେତପଶୀଳ ପାଠକମାନେ ସ୍ତମ୍ଭ ପଢନ୍ତି, ସୁତରାଂ ସ୍ତମ୍ଭ ଲେଖକ ଯେଉଁ ବିଷୟରେ ଲେଖିବ ସେ ବିଷୟରେ ଗଭୀର ଧାରଣା ରହିବା ଅନିର୍ବାର୍ଯ୍ୟ ବୋଲି ଗତକାଲି ସଂଧ୍ୟାରେ ସ୍ଥାନୀୟ ହୋଟେଲ ପଞ୍ଚଜନ୍ୟ ପରିସରରେ ଅନୁଷ୍ଠିତ 'ଭଲ କବିତାର ଖୋଜ୍'ର ୫୯ତମ ଆସରରେ ମତପ୍ରକାଶ ପାଇଛି। ଏହି ଆସରରେ 'ସ୍ତମ୍ଭଲେଖାର ଧ୍ୟାନ ଓ ଧାରଣା' ସମ୍ପର୍କିତ ଆଲୋଚନା କରାଯାଇଥିଲା। ଆଲୋଚକ ଭାବରେ ଯୋଗ ଦେଇ ଅତିଥି ସ୍ତମ୍ଭକାରମାନେ ଆହୁରି କହିଥିଲେ ଯେ, କୁଲଦୀପ୍ ନାୟାର୍ ଓ ଖୁସ୍‌ୱନ୍ତ୍ ସିଂ ହେଉଛନ୍ତି ଭାରତୀୟ ସ୍ତମ୍ଭକାର ସମାଜର ସମ୍ରାଟ୍। ସେପରି ସ୍ତମ୍ଭକାର ହେବା ଏତେ ସହଜ ନୁହେଁ। ସ୍ତମ୍ଭକାର କେବେ ନିଜ ପାଇଁ ଲେଖେ ନାହିଁ। ସେ ଯେଉଁ ପାଠକ ସମୁଦାୟ ପାଇଁ ଲେଖେ, ସେଥିପାଇଁ ତାକୁ ତଥ୍ୟ, ଇତିହାସ ଓ ଭାଷାକୁ ନେଇ କସରତ୍ କରିବାକୁ ପଡ଼ିଥାଏ। ସୁତରାଂ ସ୍ତମ୍ଭଲେଖାରେ ବୋଧଗମ୍ୟତା ସହ ଭଲ ବାର୍ତ୍ତା ରହିବା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚକଗଣ କହିଥିଲେ।ଆସରରେ ଆମନ୍ତ୍ରିତ ଅତିଥି ଭାବରେ 'ଯୁଗଶ୍ରୀ ଯୁଗନାରୀ'ର ସମ୍ପାଦିକା ମମତା ମହାପାତ୍ର, 'ସମାଜ'ର ବାଲେଶ୍ୱର ବ୍ୟୁରୋ ଚିଫ୍ କୁଳମଣି ବାରିକ, ସ୍ତମ୍ଭକାର ଅଞ୍ଜନ ଚାନ୍ଦ, ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳ, 'ସମୟ'ର ବାଲେଶ୍ୱର ସଂସ୍କରଣ ମୁଖ୍ୟ ରଞ୍ଜନ ବାଗ୍ ଯୋଗ ଦେଇଥିଲେ। ଆସର ପ୍ରାରମ୍ଭରେ ଆବାହକ କୃଷ୍ଣ କୁମାର ମହାନ୍ତି 'ଭଲ କବିତାର ଖୋଜ୍'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଆବାହକ ତଥା ବିଶିଷ୍ଟ କବି ଶ୍ରୀଦେବ ସ୍ତମ୍ଭଲେଖାର ଦିଗ୍‌ବଳୟ ଉପରେ ଆଲୋକପାତ କରିଥିବା ବେଳେ ଅନ୍ୟତମ ଆବାହକ ଉତ୍ପଳ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ। ଆରମ୍ଭରେ ବିବାଦୀୟ ଗାୟିକା ସୋନା ମହାପାତ୍ର 'ଆହେ ନୀଳ ଶଇଳ' ଜଣାଣକୁ କଦର୍ଥ କରି ଗାଇଥିବା ଯୋଗୁଁ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା।